# aurAkashvani, Sambalpur

## SAMBALPURI NEWS BULLETIN

### 13 August 2025 - 6.47- 6.52 am.

***********************************************

ମୁଖ୍ୟମନ୍ତ୍ରୀ-ଆଇନ ଶୃଙ୍ଖଳା ସ୍ଥିତି ସମୀକ୍ଷା I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ରାଜ୍ୟର୍ ଆଇନ୍ ଶୃଙ୍ଖଳା ସ୍ଥିତି ବାବ୍‌ଦେ ସମୀକ୍ଷା କରିଛନ୍ । ମହିଲାଙ୍କର୍ ସୁରକ୍ଷା କ୍ଷେତ୍ରଥି ସରକାରଙ୍କର୍ ଶୂନ୍ୟ ସହନ୍‌ଶୀଲ୍ ନୀତିକେ ଆଧାର୍ କରି କରି ପୁଲିସ ସବୁ ସମିଆଥି ଆକ୍ସନ୍ ମୋଡ୍‌ଥି ରହେବାର୍‌କେ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେବାର୍ ସହେତେ ବରିଷ୍ଠ ପୁଲିସ ଅଧିକାରୀମାନେ ଇତାର୍ ନିୟମିତ୍ ତଦାରଖ୍ କରୁନ୍ ବଲି ନିର୍ଦ୍ଦେଶ୍ ଦେଇଛନ୍ । ସାଧାରଣ ଲୁକେ ଯେନ୍‌ତା ସୁରକ୍ଷିତ୍ ଅନୁଭବ୍ କର୍‌ବେ ସେଥିର୍‌ଲାଗି ପୁଲିସ ସବୁ ରକ୍‌ମର୍ ଉପାୟ ଅପ୍‌ନଉ । ରାଏଜେ ପୁଲିସ୍ ପଦ୍‌ବୀ ପୂରଣ୍ କର୍‌ବାର୍ ଲାଗି ଗୁଟେ ଖାସ୍ ପୁଲିସ ନିଯୁକ୍ତି ବୋର୍ଡ ଗଠନ୍ କର୍‌ବାର୍‌କେ ବୈଠକ୍‌ଥି ମୁଖ୍ୟମନ୍ତ୍ରୀ ନିଷ୍ପତି ନେଇଛନ୍ ।

ବୈଠକ୍‌ର ସୂଚ୍‌ନା ଅନ୍‌ସାରେ ଗଲା ବଛ୍‌ରେ ଭିତ୍‌ରେ ୮ ହଜାର ୩୫ ଝନ୍ ନିଖୋଜ୍ ମହିଲା ଆଉ ୩ ହଜାର ୩ ଶହ ୬ ଝନ୍ ଛୁଆଙ୍କର୍ ଉଦ୍ଧାର୍

କରାଯାଇଛେ । ଗଲା ୧୫ ବଛ୍‌ରର୍ ରିପୋର୍ଟକେ ଦେଖ୍‌ଲେ ରାଏଜେ ଆଇନ ଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣଥି ରହିଛେ ଆଉ ଅପରାଧ୍ କମିଛେ ।

ରାଜ୍ୟପାଲ୍-ପଂଚାୟତିରାଜ୍ ବିଭାଗ୍ ସମୀକ୍ଷା I&PR

ରାଜ୍ୟପାଲ୍ ଡକ୍ଟର ହରିବାବୁ କମ୍ଭମ୍‌ପାଟି ଗଲାକାଏଲ୍ ରାଜ୍‌ଭବନ୍‌ଠାନେ ପଂଚାୟତିରାଜ ଆଉ ପାନୀୟ ଜଲ୍ ବିଭାଗ୍‌ର କାମ୍‌ମାନ୍‌କର ଅଗ୍ରଗତିର୍ ସମୀକ୍ଷା କରିଛନ୍ । ଯୋଜ୍‌ନାମାନ୍‌କର ଲାଭ୍ ଫିଂ ହିତାଧିକାରୀଙ୍କର୍ ପାଖ୍‌କେ ପୁହୁଁଚାବାର୍ ଲାଗି ରାଜ୍ୟପାଲ୍ ଜୋର୍ ଦେଇଛନ୍ । ଉନ୍ନୟନ୍ ପ୍ରକଳ୍ପମାନ୍‌କର କାମ୍ ସବୁ ଧାରିଜ୍ ସମିଆଥି ସାର୍‌ବାର୍ ଲାଗି ନିର୍ଦ୍ଦେଶ୍ ଦେବାର୍ ସହେତେ ପଂଚାୟତ୍ ସଂଖ୍ୟା ବଢ଼ାବାର୍ ଦିଗେ ଅନୁଧ୍ୟାନ୍ କର୍‌ବାର୍‌କେ ରାଜ୍ୟପାଲ୍ ପରାମର୍ଶ ଦେଇଛନ୍ । ସମୀକ୍ଷା ବୈଠକ୍‌ଥି ପଂଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଆଉ ବିଭାଗର୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଉପମୁଖ୍ୟମନ୍ତ୍ରୀ-ବେଟ୍‌ରୀ ଶକ୍ତି ସଂରକ୍ଷଣ I&PR

ଓଡ଼ିଶାର୍ ସ୍ୱଚ୍ଛ ଶକ୍ତିର ଅଭିବୃଦ୍ଧି ଦିଗେ ବେଟ୍ରୀ ଶକ୍ତି ସଂରକ୍ଷଣ ବିପ୍ଲବ୍ ଆନ୍‌ବା ବଲି ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଛନ୍ । ରାଏଜେ ଅକ୍ଷୟ ଶକ୍ତି ଉତ୍ପାଦନ୍ ଆଉ ସଂରକ୍ଷଣ, ଖାସ୍ କରି ବେଟ୍ରୀ ଶକ୍ତି ସଂରକ୍ଷଣ ପ୍ରଣାଲୀ ବାବଦ୍ ସମୀକ୍ଷା ବୈଠକ୍‌ଥି ଅଧ୍ୟକ୍ଷତା କରି କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ରାଜ୍ୟର୍ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା ବାବ୍‌ଦେ ଆଲୋଚନା କରିଛନ୍ । ରାଏଜେ ପାଇଲଟ୍ ଭିତିଥି ସୌରଚାଲିତ୍ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କର୍‌ବାର୍‌କେ ସରକାର ଯୋଜ୍‌ନା କରୁଛନ୍ ବଲି ବୈଠକ୍‌ଥି ବିଭାଗୀୟ ସଚିବ ସୂଚ୍‌ନା ଦେଇଥିଲେ । ଇ ଅବ୍‌ସରେ ବେସିୟମ୍ କମ୍ପାନୀ ବେଟ୍ରୀ ଷ୍ଟୋରେଜ୍ ସିଷ୍ଟମ୍ ଉପ୍‌ରେ ଉପସ୍ଥାପନା ଦେଇଥିଲା ।

ରାଜସ୍ୱ ମନ୍ତ୍ରୀ ପଟ୍ଟା ବଂଟନ୍ ସମ୍ବଲପୁର ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲ୍‌ନା ମନ୍ତ୍ରୀ ସୁରେଶ ପୂଜାରୀ ଗଲାକାଏଲ୍ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ କଦମ୍ ପଡ଼ିଆଠାନେ ବସୁନ୍ଧରା ଯୋଜ୍‌ନାଥି ହିତାଧିକାରୀମାନଙ୍କୁ ପଟ୍ଟା ବାଂଟିଛନ୍ । ରେଢ଼ାଖୋଲ ବ୍ଲକ୍‌ର ୫ ଶହ ୩୮ ଝନ୍ ଆଉ ନାକଟିଦେଉଲ ବ୍ଲକ୍‌ର ଶହେ ୯୮ ଝନ୍‌ଙ୍କୁ ପଟ୍ଟା ବାଂଟିକରି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍....

(ଭଏସ୍ ଓଭର୍---------ରାଜସ୍ୱ ମନ୍ତ୍ରୀ)

ଇ ଅବ୍‌ସରେ ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ଜିଲ୍ଲାପାଳ, ରେଢ଼ାଖୋଲ ଉପଜିଲ୍ଲାପାଳ ଆଉ ରାଜସ୍ୱ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବିଶ୍ୱ ଅଙ୍ଗଦାନ୍ ଦିବସ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଆଏଜ୍ ବିଶ୍ୱ ଅଙ୍ଗଦାନ୍ ଦିବସ୍ । ଇଥରର୍ ଇ ଦିବସ୍‌ର ବିଷେ ରହିଛେ 'ଆହ୍ୱାନ୍‌ର ଉତର୍ ଦେବା' । ଅଙ୍ଗଦାନ୍ ଜରିଏ ବହୁତ୍ ମୂଲ୍ୟବାନ୍ ଜୀବନ୍ ବଂଚାବାର୍ ଲକ୍ଷ୍ୟଥି ଫି ବଛର୍ ଆଝିରର୍ ଦିନ୍‌କେ ବିଶ୍ୱ ଅଙ୍ଗଦାନ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଅଙ୍ଗଦାନ୍ କ୍ଷେତ୍ରଥି ସାରା ପୁର୍‌ଥି ନ ଭାରତ୍ ୩ ନମ୍ବର ଠାନେ ରହିଥିବାର୍ ବେଲ୍‌କେ ପୂର୍ବାଂଚଲ ରାଜ୍ୟମାନ୍‌କର୍ ଭିତ୍‌ରେ ଓଡ଼ିଶା ସବୁନୁ ଆଗାଢ଼େ ରହିଛେ । ଇହାଦେ ସର୍‌କାରୀ ହସ୍‌ପିଟାଲ୍ ନ ଚିକିତ୍ସିତ୍ ହେଉଥିବା ବ୍ରେନ୍ ଡେଡ୍ ରୋଗୀ ମାନ୍‌କର୍ ଅଙ୍ଗଦାନ୍ ଉପ୍‌ରେ ଜୋର୍ ଦିଆଯାଉଛେ । ହୃତ୍‌ପିଣ୍ଡ, କିଡ୍‌ନୀ ଆଉ ଯକୃତ ବାଗିର୍ ଜୀବନ୍ ରକ୍ଷାକାରୀ ଅଙ୍ଗଦାନ୍ ଲାଗି ରାଜ୍ୟ ସର୍‌କାର୍ ସୁରଜ୍ ପୁରସ୍କାର୍ ଆଉ ଗାର୍ଡ଼ ଅଫ ଅନରର ବ୍ୟବସ୍ଥା ପ୍ରଚଲନ୍ କରିଛନ୍ ।

ନୂଆଖାଇ ପ୍ରାକ୍ ପର୍ବ ନୂଆପଡ଼ା ସମ୍ବାଦାତା

ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଖାଇ ପାଲନ୍ ଲାଗି ନୂଆପଡ଼ା ଜିଲ୍ଲା ନ ତୟାରି ମୁଲ୍ ହେଇଯାଇଛେ । ମାଁ ଠାକୁରାଣୀ ମନ୍ଦିର୍‌ନୁ ଧାନ୍ ଖେଡ଼ ଘର୍ ଘର୍ ବୁଲି କରି ଗଲାକାଏଲ୍ ପୂଜାରୀ ପୁହୁଁଚେଇଛନ୍ । ତାର୍ ଉତ୍‌ରୁ ଆଏଜ୍ ପରମ୍ପରା ଅନ୍‌ସାରେ ଖଡ଼ିଆଲ ରାଜାପ୍ରାସାଦ୍ ଦରବାର୍ ହଲ୍ ନ ନୂଆଖାଲି ଲାଗି ଲଗ୍ନ ଧାର୍ଯ୍ୟ କରାଯିବା ।

ହର୍ ଘର୍ ତ୍ରିରଙ୍ଗା ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ବ୍ଲକ୍ ମହେଶ୍ୱରପିଣ୍ଡା ଗାଁ ନ ହର୍ ଘର୍ ତ୍ରିରଙ୍ଗା ଆଉ ସ୍ୱଚ୍ଛତା କାର୍ଯ୍ୟକ୍ରମ୍ ହେଇଯାଇଛେ । ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରି କରି ତ୍ରିରଙ୍ଗା ଶୋଭାଯାତ୍ରାଥି ସାମିଲ୍ ହେଇଥିଲେ । ଇତାରଛଡ଼ା ମନ୍ତ୍ରୀ ଶ୍ରୀ ମହାପାତ୍ର ମନମୁଣ୍ଡାଠାନେ ଏକ୍ ପେଡ୍ ମାଁ କେ ନାମ୍ କାର୍ଯ୍ୟକ୍ରମଥି ଯୋଗ୍ ଦେଇକରି ଗଛ୍ ଜଗେଇଥିଲେ । ଶୋଭାଯାତ୍ରାଥି ଛାତ୍ରଛାତ୍ରୀ ସାମିଲ୍ ହେଇକରି ଦେଶାତ୍ମବୋଧକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପଶ୍ଚିମ ଆଉ ତାର୍ ପାଖର୍ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପ୍‌ସାଗର୍ ନ ଆଏଜ୍ ଗୁଟେ ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୫ ଦିନ୍‌ତକ୍ ବର୍ଷା ହେବାର୍ ସମ୍ଭାବନା ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ସବୁ ଜିଲ୍ଲାନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ । ମାଲକାନଗିରି ଆଉ କୋରାପୁଟ୍ ଜିଲ୍ଲା ନ ଅତି ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ସତର୍କ ସୂଚ୍‌ନା ଜାରି କରିଛେ ।